# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 February - 2025**

**News Editor : Itishree Singh Rathaur**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେଲା ବିଧାନସଭାର ବଜେଟ୍ ଅଧିବେଶନ

– ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି; କହିଲେ ରାଜ୍ୟପାଳ

- ପରଲୋକଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ ପରେ ଗୃହକୁ ଆଜି ପାଇଁ ମୁଲତବୀ ଘୋଷଣା କଲେ ବାଚସ୍ପତି

- ସମାଜରେ ରେଡିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବିଶ୍ୱ ରେଡିଓ ଦିବସ

ଏବଂ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆୟୋଜିତ ହେବ ରାଜ୍ୟସ୍ତରୀୟ ମତ୍ସ୍ୟ ପ୍ରାଣୀ ସମାବେଶୀ

*BBSR/R*

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଅଧିବେଶନ ଆରମ୍ଭରେ ଅଭିଭାଷଣ ପ୍ରଦାନ କରି କହିଛନ୍ତି, ୨୦୨୪ ମସିହା ଓଡ଼ିଶା ପାଇଁ ଏକ ଐତିହାସିକ ବର୍ଷ ରହିଥିଲା। ରାଜ୍ୟବାସୀଙ୍କ ସାମଗ୍ରୀକ ବିକାଶ ଏବଂ ସବୁ ବର୍ଗର ଲୋକଙ୍କ ସଶକ୍ତିକରଣ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ଦେଢ଼ ଲକ୍ଷ ପଦବୀ ପୂରଣ କରାଯିବ। ସେଥିମଧ୍ୟରୁ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ପଦବୀ ପୂରଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। କଳା, ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ଉନ୍ନତି ପାଇଁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ଚଳିତ ଆର୍ଥିକ ବର୍ଷ ୪୦୦ରୁ ଅଧିକ ଷ୍ଟାର୍ଟ-ଅପ୍‌କୁ ଆର୍ଥିକ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ବୟନଶିଳ୍ପ କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ଏବଂ ପାଞ୍ଚ ବର୍ଷ ମଧ୍ୟରେ ଆଇ.ଟି. ଏବଂ ଆଇ.ଇ.ଟି.ଇ.ଏସ୍. କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ

ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି । ଓଡ଼ିଆ ଅସ୍ମିତା କ୍ଷେତ୍ରରେ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି । ବାଲିଯାତ୍ରା ଏବଂ ଧନୁଯାତ୍ରାକୁ ବିଶ୍ୱ ଐତିହ୍ୟ ପର୍ବଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ରାଜ୍ୟପାଳ କହିଛନ୍ତି, ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ରାଜ୍ୟର ବିଭିନ୍ନ ସହରରେ ୪୦୦ ଇ-ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯାଇଛି । ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ୧ ହଜାର ୪୩୯ କିଲୋମିଟର ରାସ୍ତା ନିର୍ମାଣ ସରିଛି । ଆଡ଼ି ବନ୍ଧ ଯୋଜନାରେ ୨୦୯ଟି ଚେକ୍ ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ଜାରି ରହିଛି । ନାରୀ ସଶକ୍ତୀକରଣ ଦିଗରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ନେଇ ରାଜ୍ୟପାଳ ସୂଚନା ଦେବା ସହ ସୁଭଦ୍ରା ଯୋଜନାର ସଫଳତା ଉପରେ ଉଲ୍ଲେଖ କରିଥିଲେ । ଅନୁସୂଚିତ ଜନଜାତିଙ୍କ କଲ୍ୟାଣ ପାଇଁ କେନ୍ଦ୍ରୀୟ ଯୋଜନା 'ଧର୍ତ୍ତି ଆବା ଜନଜାତି ଗ୍ରାମ ଉନ୍ନତ' ଅଭିଯାନକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି । ୨୭ଟି ଜିଲ୍ଲାର ୭ ହଜାର ୬୬୭ଟି ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜୀବିକା ବୃଦ୍ଧି ଉପରେ ଏହି ଅଭିଯାନ ଅଧୀନରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ରାଜ୍ୟପାଳ କହିଛନ୍ତି ।

***Assembly***

## ବିଧାନସଭା ଶୋକ

ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂ

ଏବଂ ପରଲୋକଗତ ବିଧାନସଭାର ପୂର୍ବତନ ସଦସ୍ୟ ବିଜୟ କୁମାର ମହାନ୍ତି ଏବଂ ସଦନ ନାୟକଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ସମର୍ଥନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ  ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୃହକୁ ଆଜି ପାଇଁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ।

***Desk***

# ନ୍ୟାସ୍‌ନାଲ ପେନ୍‌ସନ୍ ସ୍କିମ୍

ସରକାର ଆଗାମୀ ଦିନରେ ଦେଶରେ ରହିଥିବା ବିଭିନ୍ନ ଜାତୀୟ ପେନ୍‌ସନ୍ ଯୋଜନାକୁ ଗୋଟିଏ ଯୋଜନା ଅଧିନକୁ ଆଣିବାକୁ ଯୋଜନା କରୁଛନ୍ତି। ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ରାଜ୍ୟସଭାରେ ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ୍ ମାଣ୍ଡବୀୟ କହିଛନ୍ତି, ଦେଶରେ ବିଭିନ୍ନ ପେନ୍‌ସନ୍ ଯୋଜନା ବିଶେଷକରି ଅଣସଂଗଠିତ କ୍ଷେତ୍ରର ଲୋକମାନଙ୍କ ପାଇଁ ରହିଛି। ସେଥିମଧ୍ୟରେ ଅଟଳ ପେନ୍‌ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଶ୍ରମିକ ମନ୍ଥନ ଏବଂ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନ୍ଥନ ଆଦି ଯୋଜନା ଅନ୍ତର୍ଭୁକ୍ତ। ସେ କହିଛନ୍ତି, ସରକାର ଯୋଜନାଗୁଡ଼ିକ ସରଳୀକରଣ କରି ସେଗୁଡ଼ିକୁ ଗୋଟିଏ ବ୍ୟବସ୍ଥା ଅଧୀନରେ ପରିଚାଳିତ କରିବାକୁ ଲକ୍ଷ୍ୟ

ରଖିଛନ୍ତି। ନିଶୁଳ୍କ ଖାଦ୍ୟଶସ୍ୟ ବଣ୍ଟନ ଯୋଜନାରେ ୮୦ କୋଟି ହିତାଧିକାରୀ ଏବେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ କହିଛନ୍ତି।

*Desk*

# ଆଜି ବିଶ୍ୱ ରେଡ଼ିଓ ଦିବସ

ସମାଜର ବିକାଶରେ ରେଡ଼ିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି 'ରେଡିଓ ଏବଂ ଜଳବାୟୁ ପରିବର୍ତ୍ତନ'। ବିଶ୍ୱର ସର୍ବପୁରାତନ ସଂଚାର ମାଧ୍ୟମ ଭାବେ ଆଜି ମଧ୍ୟ ରେଡିଓ ତାର ଲୋକପ୍ରିୟତାକୁ ବଜାୟ ରଖିଛି। ଲୋକଙ୍କ ମଧ୍ୟରେ ରେଡିଓ ଉପଯୋଗିତାର ପ୍ରଚାର ପ୍ରସାର ବୃଦ୍ଧି ଆଜିର ଦିନର ମୂଳ ଉଦ୍ଦେଶ୍ୟ। ସୂଚନା ଓ ପ୍ରସାରଣ କ୍ଷେତ୍ରରେ ରେଡିଓ ଅତ୍ୟନ୍ତ ବିଶ୍ୱସ୍ୱନୀୟ ଢଙ୍ଗରେ କାର୍ଯ୍ୟ କରିଆସୁଛି। ମିଥ୍ୟା ସୂଚନା, ଗୁଜବଠାରୁ ବହୁ ଦୂରରେ ରହି ରେଡିଓ ତା'ର ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରୁଛି। ଗୋଷ୍ଠୀ ରେଡିଓ, ଗ୍ରାମୀଣ ରେଡିଓ ଆଦି ମାଧ୍ୟମରେ ରେଡିଓ ସମାବେଶୀ ହେବା ସହ ବିକାଶ ପ୍ରକ୍ରିୟାରେ ବହୁମୂଲ୍ୟ ଯୋଗଦାନ ଦେଇଆସୁଛି। ୧୯୪୬ ମସିହା ଆଜିର ଦିନରେ ଜାତିସଂଘ ରେଡ଼ିଓର ପ୍ରତିଷ୍ଠା ହୋଇଥିଲା । ପରିବର୍ତ୍ତିତ ପରିବେଶରେ ରେଡିଓ ସମ୍ବାଦ ଏବଂ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ଗୁଡ଼ିକ

ମୁଖ୍ୟ ମାଧ୍ୟମ ଭାବରେ ଲୋକପ୍ରିୟତା ବଜାୟ ରଖିଛି । ରେଡିଓକୁ ବିଶ୍ୱର ସବୁଠାରୁ ସହଜ ଏବଂ ଶସ୍ତାରେ ଉପଲବ୍ଧ ଗଣମାଧ୍ୟମ ବୋଲି କୁହାଯାଏ।

ରେଡିଓ ଦିବସ ଉପଲକ୍ଷେ ଭୁବନେଶ୍ୱର, ବରଗଡ଼ ସହିତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଆଜି ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଛି । ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆଜି ଆଉଟ୍ ରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳାର ଆୟୋଜନ କରାଯାଇଛି ।

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ କହିଛନ୍ତି, ଦେଶର ସାଂସ୍କୃତିକ ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ରେଡିଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଆକାଶବାଣୀ ବିଶ୍ୱର ସର୍ବାଧିକ ରେଡିଓ ସଂଚାର ମାଧ୍ୟମ ବୋଲି ବର୍ଣ୍ଣନା କରି ଶ୍ରୀ ସେହଗଲ କହିଛନ୍ତି, 'ବହୁଜନ ହିତାୟ, ବହୁଜନ ସୁଖାୟ'ର ବାର୍ତ୍ତାକୁ ଶ୍ରୋତାଙ୍କ ପାଖରେ ପହଁଞ୍ଚାଇଥାଏ।

ଆକାଶବାଣୀ ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର କହିଛନ୍ତି, ଦେଶର ଦୁର୍ଗମ ଅଞ୍ଚଳରେ ମଧ୍ୟ ରେଡିଓ ମାଧ୍ୟମରେ ଲୋକଙ୍କ ପାଖରେ ସମୟୋପଯୋଗୀ ସୂଚନା ପହଁଞ୍ଚିପାରୁଛି। ଏହି ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ରେଡିଓ ମହୋତ୍ସବ-୨୦୨୫କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଉଦ୍‌ଘାଟନ କରିଛନ୍ତି।

ରେଡିଓ ଦିବସ ଅବସରରେ ଆକାଶବାଣୀ କଟକର ପୂର୍ବତନ କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ କହିଛନ୍ତି...

**- V/O -**

***Desk***

## ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ପଡିଆଠାରେ ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ 'ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫' ଅନୁଷ୍ଠିତ ହେବ। ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇ ଗତକାଲି ସମାବେଶର ଲୋଗୋ ଓ ମାସ୍କଟ ଉନ୍ମୋଚନ କରିଥିଲେ। ଚଳିତବର୍ଷ ପାଇଁ ସମାବେଶର ବାର୍ତ୍ତା ରହିଛି 'ମତ୍ସ୍ୟ ଓ ପ୍ରାଣୀ ପାଳନ-ଜୀବନଜୀବିକା ଜୈବ ସନ୍ତୁଳନ'। ଏହି ସମ୍ମିଳନୀରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଲେଖାଏଁ ଚାଷୀ ଯୋଗଦେବେ। ଏଥିସହିତ ପ୍ରତ୍ୟେକ ଉପଖଣ୍ଡରୁ ୪ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

***HS***

# ବ୍ଲୁ-ଫ୍ଲାଗ ମାନ୍ୟତା

ଗଞ୍ଜାମ ଜିଲ୍ଲା ସୁନାପୁର ବେଳାଭୂମିକୁ କ୍ରମାଗତ ଦ୍ୱିତୀୟଥର ପାଇଁ ବ୍ଲୁ-ଫ୍ଲାଗ ମାନ୍ୟତା ମିଳିଛି। ବ୍ରହ୍ମପୁର ଡିଏଫ୍‌ଓ ଶନି ଖୋଖର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ପାଇଁ ବେଳାଭୂମିକୁ ଏହି ମାନ୍ୟତା

ପ୍ରଦାନ କରାଯାଇଛି। ଗତବର୍ଷ ମଧ୍ୟ ସୁନାପୁର ବେଳାଭୂମିକୁ ବ୍ଲୁ-ଫ୍ଲାଗ ମାନ୍ୟତା ମିଳିଥିଲା ବୋଲି ସେ କହିଛନ୍ତି।

***Nayagarh***

## ସଡ଼କ ସୁରକ୍ଷା ସଚେତନତା

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନରେ ବିଧିବ୍ୟବସ୍ଥା ଏବଂ ନିୟମ ଆଦି ପ୍ରସଙ୍ଗ ଉପରେ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଓ ଅନ୍ୟ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମୀଣ ଆଇନ ସଚେତନତା କର୍ମୀମାନେ ସାଧାରଣ ଜନତାଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିବା ସହ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

***BHK***

## ପଲ୍ଲିଶ୍ରୀ ମେଳା

ଭଦ୍ରକଠାରେ ଆଜିଠୁ ପାଞ୍ଚ ଦିନିଆ ପଲ୍ଲିଶ୍ରୀ ଓ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହେଉଛି। ସନ୍ଧ୍ୟାରେ ଉଦ୍‌ଘାଟନ ସମାରୋହରେ ମନ୍ତ୍ରିମଣ୍ଡଳର ସଦସ୍ୟପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାୟକ, ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

*Koraput*

## ତାଲିମ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲା ପୂଜାରିପୁଟ୍ ଗ୍ରାମରେ ଜୈବ ଉର୍ବରକ ମଡେଲର ତାଲିମ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରଦତ୍ତ ସି.ଆର୍.ଆର୍.ଆଇ.ର ବରିଷ୍ଠ ବୈଜ୍ଞାନିକ କାର୍ଯ୍ୟକ୍ରମରେ ଯୋଗଦେଇ କ୍ଷତିକାରକ ରାସାୟିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାର ଉପରେ ଆଲୋଚନା କରିଥିଲେ ।

*Desk*

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପ୍ରଭାବ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୯ଟି ସହରର ଦିନର ସର୍ବୋଚ୍ଚ ତାପମାତ୍ରା ୩୫ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିଲା । ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା । ତେବେ ଆସନ୍ତା ଦୁଇଦିନ ମଧ୍ୟରେ ତାପମାତ୍ରା ଦୁଇରୁ ତିନି ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି ।